ଶନିବାର, ୧୪ ସେପ୍ଟେମ୍ବର, ୨୦୨୪

# ପିଲାଙ୍କ ଧରିତ୍ରୀ



# ଜଙ୍ଗଲ ବିନା ହଟହଟା



ଗପ

ଚନ୍ଦନବେଡା ପାହାଡ କୋଳକୁ ଲାଗି ଜଙ୍ଗଲଟିଏ ଥିଲା। ଜଙ୍ଗଲରେ ଅନେକ ପଶୁପକ୍ଷୀ ବାସ କରୁଥିଲେ। ଗୋଲୁ ନାମକ ଗୋଟିଏ ଛୁଆହାତୀ ତା' ମାଆ ସହ ସେ ଜଙ୍ଗଲରେ ରହୁଥିଲା। ଗୋଲୁ ଭାରି ଦୁଷ୍ଟ ଆଉ ଚଗଲା ପ୍ରକୃତିର ଥିଲା। କେତେବେଳେ ସେ କୋଉ ପକ୍ଷୀର ବସା ଭାଙ୍ଗୁ ଥିଲା ତ କେବେ ଗଛ ଉପାଡି ଦେଉଥିଲା।

ଜଙ୍ଗଲର ସବୁ ପଶୁ ପକ୍ଷୀ ତା' ଉପରେ ବିରକ୍ତ ହେଉଥିଲେ। ତା'ର ଉତ୍ପାତରେ ଅତିଷ୍ଠ ହୋଇ ପଶୁ ପକ୍ଷୀମାନେ ବଣର ରାଜା ସିଂହ ପାଖରେ ଅଭିଯୋଗ କଲେ। ସିଂହ ସବୁ କଥା ଶୁଣିବା ପରେ ଗୋଲୁକୁ କିଛି ଦିନ ପାଇଁ ନିର୍ବାସନ ଦଣ୍ଡ ଦେଲେ। ସେମିତିରେ ଗୋଲୁ ଜଙ୍ଗଲ ଭିତରେ ବୁଲି ବୁଲି ବିରକ୍ତ ଅନୁଭବ କରୁଥିଲା। ତେଣୁ ସେ ମନେ ମନେ ଚିନ୍ତା କରୁଥିଲା ଏ ଜଙ୍ଗଲ ଛାଡ଼ି କୁଆଡେ ବାହାରକୁ ଚାଲିଯିବ। ଏକଥା ସେ ଅନେକ ଥର ତା' ମାଆ ହାତୀକୁ କହିଛି। ମାଆ ହାତୀ କିନ୍ତୁ ସବୁବେଳେ ଗୋଲୁକୁ ବୁଝେଇ କୁହେ, ''ଏ ଜଙ୍ଗଲ ହେଉଛି ଆମର ମାଆ। ଏଠି ଯୋଉ ସୁଖ ଅଛି ସେ ସୁଖ ତୋତେ ଆଉ କୋଉଠି ମିଳିବ ନାହିଁ।'' ଗୋଲୁ ମାଆ କଥା ଶୁଣି ଚୁପ୍ ରହିଯାଏ। ଏଥର କିନ୍ତୁ ବିରାଡ଼ି କପାଳକୁ ଶିକା ଛିଣ୍ଡିଲା ଭଳି ରାଜାଙ୍କ ନିର୍ବାସନ ଦଣ୍ଡ ଶୁଣି ଗୋଲୁ ପୂରା ଖୁସି। ମାଆ ହାତୀ କାନ୍ଦୁଥାଏ। ହେଲେ ଗୋଲୁ ମନ ଖୁସିରେ ବାହାରିଲା ସହର ଆଡକୁ। ରାସ୍ତାରେ କେତେ ଗାଡ଼ିମୋଟର ଦେଖିଲା। ସହରରେ କେତେ କେତେ କୋଠାବାଡ଼ି, ଘରଦ୍ୱାର,ଦୋକାନ ବଜାର, ଗାଡ଼ି ଘୋଡ଼ା ଦେଖି ଖୁସି ହୋଇଗଲା। ସବୁଆଡେ ଗହଳିଚହଳି ତାକୁ ଭାରି ମଜା ଲାଗୁଥାଏ।

ଏସବୁ ଦେଖି ସେ ଭାବିଲା ସହରଟି ଆମ ଜଙ୍ଗଲଠାରୁ ଖୁବ୍ ସୁନ୍ଦର। ତା'ପରେ ଗୋଟେ ବଡ଼ ଦୋକାନ ଆଗକୁ ଯାଇ ସେଥିରେ ଲାଗିଥିବା କାଚ ଦର୍ପଣରେ ନିଜକୁ ଚାହିଁଲା। ଦର୍ପଣରେ ନିଜ ମୁହଁକୁ ଦେଖି ଚମକି ପଡ଼ିଲା। ଏ ସମୟରେ ଦୋକାନ ଭିତରୁ ଲୋକଟିଏ ଆସି ଗୋଟିଏ ବଡ ଠେଙ୍ଗା ଧରି ଗୋଲୁକୁ ମାରିବାକୁ ଗୋଡେଇଲା। ଗୋଲୁ ଠେଙ୍ଗା ଦେଖି ଭୟରେ ଦୌଡିବାକୁ ଲାଗିଲା। ଦୌଡ଼ି ଦୌଡ଼ି ହାଲିଆ ହୋଇଗଲା। ଏପଟେ ଦିନ ବଢିବା ସହ ଖରା ବି ବଢୁଥିଲା। ତାକୁ ଜୋରରେ ଭୋକ ଓ ଶୋଷ ଲାଗୁଥିଲା। କ୍ଳାନ୍ତି ମେଣ୍ଟାଇବା ପାଇଁ ଗଛ ଛାଇ ଟିକିଏ ପାଇଲା ନାହିଁ। ଖାଇବା ପାଇଁ ଡାଳପତ୍ର ବି ପାଇଲା ନାହିଁ। ପାଣି ପିଇବ ବୋଲି ଝରଣାଟିଏ ଖୋଜି ଖୋଜି ଥକି ଗଲା ତଥାପି ପାଣି ଟିକେ ପାଇପାରିଲା ନାହିଁ। ଚାଲୁ ଚାଲୁ ଗୋଟିଏ ହୋଟେଲ ଆଗରେ ଭଳିକି ଭଳି ଖାଇବା ଦେଖି ଲୋଭରେ ନିଜ ଶୁଣ୍ଢ ବଢେଇବା ମାତ୍ରେ ଦୋକାନୀର ଠେଙ୍ଗା ପାହାରରେ ତା' କାନମୁଣ୍ଡା ଝାଇଁ ଝାଇଁ ହୋଇଗଲା। ଭୋକ ଶୋଷରେ ତା' ହଂସା ଉଡିବାକୁ ଲାଗିଲା।

ଏତିକି ବେଳେ ତାକୁ ତା' ମାଆ କଥା ବେଶି ମନେପଡ଼ିଲା। ତା' ଆଖିରୁ ଲୁହ ଝରିବାକୁ ଲାଗିଲା। ସେ ଭାବିଲା ମାଆ ଠିକ୍ କଥା କହୁଥିଲା, ''ଜଙ୍ଗଲର ସୁଖ ଆଉ କୋଉଠି ନାହିଁ। ନିଜ ପରିବେଶ ହିଁ ନିଜ ପାଇଁ ସରଗପୁର।'' ଗୋଲୁ ମନେ ମନେ ପ୍ରତିଜ୍ଞା କଲା ସେ ଆଉ ଦୁଷ୍ଟ ହେବନି କି ଜଙ୍ଗଲ ଛାଡ଼ି ଆଉ କୁଆଡେ ଯିବା କଥା ଭାବିବ ନାହିଁ। ଦୌଡ଼ି ଦୌଡ଼ି ସେ ଜଙ୍ଗଲରେ ପହଞ୍ଚିଗଲା। ଜଙ୍ଗଲରୁ କିଛି ଡାଳପତ୍ର ଖାଇ ଝରଣାରୁ ପେଟେ ପାଣି ପିଇଲା। ତା'ପରେ ମାଆ ପାଖକୁ ଯାଇ କହିଲା, ''ମାଆ ମୋର ଭୁଲ୍ ହେଇଗଲା। ମୁଁ ଆଉ କେବେ ଦୁଷ୍ଟାମି କରିବି ନାହିଁ କି ଜଙ୍ଗଲ ଛାଡ଼ି କୁଆଡେ ଯିବା କଥା ଭାବିବି ନାହିଁ।''

**– ସୁନିତା ପ୍ରଧାନ**
ଲକ୍ଷ୍ମୀପୁର, କୋରାପୁଟ
ମୋ: ୭୭୪୯୮୫୦୫୭୫



## ଖିଲି ଖିଲି ହସ

ରାଜୁ ମା'ର ଦେହ ଅସୁସ୍ଥ ହେବାରୁ ସେ ହସ୍ପିଟାଲକୁ ନେଇଗଲା। ସେଠାରେ ଡାକ୍ତର କହିଲେ: ତାଙ୍କର ଦୁଇଟି ଟେଷ୍ଟ ହେବ। ରାଜୁ: ଜୋର୍‌ରେ କାନ୍ଦିବାକୁ ଲାଗିଲା, ହେ ଭଗବାନ୍ ଏବେ କ'ଣ ହେବ, ମୋ ମା'ତ ପାଠ ପଢ଼ିନି ସିଏ କି ଟେଷ୍ଟ ଦେବ।

–ପିଣ୍ଟୁ ଅଟୋବାଲାକୁ ପଚାରିଲା– ଭାଇ ଷ୍ଟେଶନ ଯିବାକୁ କେତେଟଙ୍କା ନେବ ?
ଅଟୋବାଲା–୫୦ଟଙ୍କା
ପିଣ୍ଟୁ: ୨୦ଟଙ୍କା ନିଅ ।
ଅଟୋବାଲା– ୨୦ଟଙ୍କାରେ କିଏ ନେବ ତୁମକୁ ?
ପିଣ୍ଟୁ: ଭାଇ ତୁମେ ଅଟୋରେ ବସ ମୁଁ ଚଲାଉଛି ।

–ଗାଁରୁ ବରଯାତ୍ରୀରେ ଜଣେ ସହରକୁ ଆସିଥିଲେ। ଭୋଜିରେ ସେ ପ୍ଲେଟ୍‌ରେ ଟିସୁ ପେପର ଦେଖି ଭାବିଲେ ଏଇଟା ବୋଧେ କୌଣସି ଖାଦ୍ୟ ଜିନିଷ। ଯେମିତି ସେ ଏହାକୁ ଖାଇବା ଆରମ୍ଭ କରିଛନ୍ତି ସାଥିରେ ଆସିଥିବା ଅନ୍ୟ ସାଙ୍ଗମାନେ କହିଲେ– ରଖ ରଖ ତାକୁ, ଜମା ଖାଆନି ସେ ଜମା ବି ଭଲ ଲାଗୁନି।

## ମତାମତ

▸▸ ପିଲାମାନେ କିପରି ଗଣେଶ ପୂଜା ପାଳନ କରିଥିଲେ ସେ ସମ୍ପର୍କରେ ଜାଣିବାକୁ ମିଳିଲା।

**–ସୁମନ ସାହୁ, ପିପିଲି, ପୁରୀ**

▸▸ 'ମୂଷିକ ରାଜାର ବୁଦ୍ଧି ' ଗଳ୍ପଟି ପଢ଼ିବାକୁ ବହୁତ ଭଲ ଲାଗିଲା।

**–ବିଜେଶ ରାଉତ, ଆଳି, କେନ୍ଦ୍ରାପଡ଼ା**


▸▸ ଜଣା ଅଜଣା ସ୍ତମ୍ଭରେ ହାତୀ ବି କଥାହୁଏ, କେତେ ସମୟ ଶୁଏ ଜିରାଫ ଏବଂ ଅଳ୍ପାୟୁଷୀ କୀଟ ସମ୍ପର୍କରେ ମଧ୍ୟ କିଛି ତଥ୍ୟ ଜାଣିପାରିଲି।

**–ଦିନେଶ ସ୍ୱାଇଁ, କୋରାପୁଟ**

▸▸ ଏଥର ତୁମ ତୂଳୀ ସ୍ତମ୍ଭରେ 'ଗଣେଶଙ୍କ' ଚିତ୍ରଗୁଡ଼ିକ ବେଶ୍ ସୁନ୍ଦର ହୋଇଥିଲା।

**–ବିନୟ ମଲ୍ଲିକ୍, ରାୟଗଡ଼ା**

## ରଙ୍ଗ ଦିଅ



## କେବଳ ଭାରତରେ

ସାରା ବିଶ୍ୱରେ ଆମ ଦେଶ ଭାରତ ହେଉଛି ଏକମାତ୍ର ସ୍ଥାନ, ଯେଉଁଠି ଗାଈକୁ ଭଗବାନଙ୍କ ଭଳି ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି। ବିଶ୍ୱର ଅନ୍ୟ କୌଣସି ଦେଶରେ ଗାଈକୁ ଏଭଳି ମାନ୍ୟତା ଦିଆଯାଇ ନାହିଁ।

ଆମ ଦେଶରେ ଗାଈକୁ ଗୋ'ମାତାର ସ୍ଥାନ ମିଳିଛି। ଗାଈକୁ ନେଇ ଅନେକ ପୌରାଣିକ ଉପାଖ୍ୟାନ ବି ରହିଛି। ପୁରାଣ ଅନୁସାରେ ଭଗବାନ ଶ୍ରୀକୃଷ୍ଣ ଗାଈମାନଙ୍କୁ ଈଶ୍ୱରଙ୍କ ଭଳି ସର୍ବଶ୍ରେଷ୍ଠ ସମ୍ମାନ ଦେବାକୁ କହି ଯାଇଛନ୍ତି। ସେଥିପାଇଁ ନିଜେ ସେ ଗୋପାଳକ ଭାବେ ନିଜର ପରିଚୟ ବି ସୃଷ୍ଟି କରିଥିଲେ। ତେଣୁ ବିଭିନ୍ନ ପ୍ରକାର ପୂଜାବ୍ରତ ସମୟରେ ଗୋପୂଜାର ପରମ୍ପରା ଆମ ଦେଶରେ ହିଁ ଦେଖିବାକୁ ମିଳିଥାଏ। ଆଉ ଗୋସେବା ଦ୍ୱାରା ହିଁ ବିଭିନ୍ନ ପ୍ରକାର ପାପରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି। ଗାଈଠାରୁ ଆମକୁ ମିଳୁଥିବା କ୍ଷୀର ଓ ସେହି ମାଧ୍ୟମରେ ମିଳୁଥିବା ଦହି, ଘିଅ, ଛେନା ସବୁକିଛିକୁ ଅତ୍ୟନ୍ତ ପବିତ୍ର ବୋଲି ଧରାଯାଏ। ଏମିତିକି ଗାଈର ଗୋବରକୁ ମଧ୍ୟ ଏକ ପବିତ୍ର ଦ୍ରବ୍ୟଭାବେ ଗ୍ରହଣ କରାଯାଏ।




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



ସକାଳୁ ଯଦି ପିଲାମାନେ ସ୍କୁଲ ଯାଉଛନ୍ତି, ସେମାନଙ୍କୁ ପ୍ରସ୍ତୁତ କରାଇବା ସମୟରେ କେତେକ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ...

# ମର୍ଣ୍ଣିଂ ରୁଟିନ୍

ସାଧାରଣତଃ ଛୋଟ ପିଲମାନେ ସକାଳୁ ସ୍କୁଲକୁ ଯାଇଥାଆନ୍ତି। କେବଳ ପ୍ଲେ, ନର୍ସରି ନୁହେଁ, କେତେକ ସ୍କୁଲ କ୍ଲାସ୍ ସକାଳୁ ହୋଇଥାଏ। ତେଣୁ ପିଲାମାନଙ୍କୁ ସକାଳୁ ଉଠି ଏଥିପାଇଁ ପ୍ରସ୍ତୁତ ହେବାକୁ ପଡ଼େ। ଏହି ସମୟରେ ବିଶେଷଭାବରେ ମା'ବାପା ଏଭଳି ଦାୟିତ୍ୱ ତୁଲାଇଥାଆନ୍ତି। ତେଣୁ ପିଲାକୁ ସକାଳୁ ସ୍କୁଲ ପଠାଇବା ପୂର୍ବରୁ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେଇପାରନ୍ତି।

## ରୁଟିନ୍ ପ୍ରସ୍ତୁତି

ସକାଳୁ ସକାଳୁ ପିଲା ସ୍କୁଲକୁ ଯାଉଥିଲେ ତା' ପୂର୍ବଦିନ ରାତିରେ ପିଲାର ବ୍ୟାଗ୍ ପ୍ୟାକ୍ କରିଦେବା ଭଲ। କାରଣ ସକାଳୁ ଏନେଇ ପର୍ଯ୍ୟାପ୍ତ ସମୟ ମିଳି ନ ଥାଏ। ତରବର ହୋଇ ରୁଟିନ ଅନୁଯାୟୀ ବହି ଖାତା ରଖୁଥିଲେ ହୁଏତ ସେଥିରେ ଏପଟସେପଟ ହୋଇଯାଇପାରେ। ତେଣୁ ପୂର୍ବଦିନ ରାତିରେ ପିଲାର ରୁଟିନ୍‌କୁ ଭଲ ଭାବରେ ଦେଖି ବହି, ନୋଟ୍, ପେନ୍‌ସିଲ୍ ବକ୍ସ ଏବଂ ଆବଶ୍ୟକ ଅନ୍ୟାନ୍ୟ ପାଠସାମଗ୍ରୀ ବ୍ୟାଗ୍‌ରେ ରଖିଦିଅନ୍ତୁ। କେବଳ ସେତିକି ନୁହେଁ, ଏ ନେଇ ପିଲାକୁ ସକାଳୁ ସୂଚାଇ ଦିଅନ୍ତୁ। ଯଦି କିଛି ପ୍ରୋଜେକ୍ଟ ଆଦି ଦେବାକୁ ଥାଏ, ତେବେ ପୂର୍ବରୁ ପ୍ରସ୍ତୁତ କରି ରଖନ୍ତୁ।

## ପୋଷାକପତ୍ର

ସାଧାରଣତଃ ଛୋଟ ପିଲା ପୋଷାକପତ୍ରକୁ ସଫାସୁତରା ରଖି ନ ଥା'ନ୍ତି। କାରଣ ଏଭଳି ଚପଳମତି ବୟସରେ ସେମାନେ ସାଙ୍ଗସାଥୀଙ୍କ ସହ ଖେଳାଖେଳି କରିବା ବେଳେ ଡ୍ରେସ୍ ଅପରିଷ୍କାର ହେବା ସ୍ୱାଭାବିକ କଥା। ତେଣୁ ପିଲା ସ୍କୁଲରୁ ଫେରିବା ପରେ ଡ୍ରେସ୍ ସଫା କରିଦିଅନ୍ତୁ, ଅଥବା ଘରେ ୨-୩ ପେୟାର ସ୍କୁଲ ୟୁନିଫର୍ମ ରିଜର୍ଭ ରଖନ୍ତୁ। ତା'ସହ ଜୋତା ପଲିସ୍ ପ୍ରତି ନଜର ଦିଅନ୍ତୁ ଏବଂ ମୋଜା ସଫାସୁତରା ଅଛି କି ନାହିଁ ମଧ ଦେଖିନିଅନ୍ତୁ। ପିଲାମାନଙ୍କର ସ୍କୁଲ ଡ୍ରେସ୍ ଏବଂ ସ୍କୁଲର ହାଉସ୍ ଡ୍ରେସ୍ ଏଭଳି ସ୍ଥାନରେ ରଖନ୍ତୁ, ଯେପରି ସେଗୁଡ଼ିକୁ ଖୋଜିବାମାତ୍ରେ ପାଇପାରିବେ।

## ଟିଫିନ୍

ପିଲାଙ୍କ ବ୍ୟାଗ୍‌ରେ ଟିଫିନ୍ ବକ୍ସ ଏବଂ ପାଣି ବୋତଲ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ। କେତେକ ସ୍କୁଲରେ ପ୍ରତିଦିନ ପିଲା କ'ଣ କ'ଣ ଟିଫିନ୍ ଖାଇବେ, ତାହାର ଏକ ତାଲିକା ପୂର୍ବରୁ ଦିଆଯାଇଥାଏ। ତେଣୁ ପିଲାଙ୍କ ପାଇଁ ସକାଳୁ ଟିଫିନ୍ ପ୍ରସ୍ତୁତ କରିବା ସମୟରେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଏହି ତାଲିକାରେ ଯେତେ ହାଲୁକା ଖାଦ୍ୟ ରଖିବେ ତାହା ସେତେ ଭଲ। ତା'ସହ ପିଲା ସାଙ୍ଗରେ ନେଉଥିବା ପାଣି ବୋତଲ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଭଲ ଭାବରେ ସଫା କରିଦିଅନ୍ତୁ। କେତେକ ପିଲା ସାଙ୍ଗରେ ଚଟ୍‌ପଟି ଖାଦ୍ୟ ନେବାକୁ ଜିଦ୍ କରିଥାଆନ୍ତି। ଏଭଳି ଅଭ୍ୟାସରୁ ସେମାନଙ୍କୁ ନିବୃତ ରଖନ୍ତୁ। କାରଣ ସବୁବେଳେ ସେଭଳି ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ।

## ସକାଳୁ ଉଠିବା

ଛୋଟ ପିଲା ଟିକେ ସକାଳୁ ଉଠିବାରେ ବିଳମ୍ବ କରିଥାଆନ୍ତି। କାରଣ ସକାଳୁ ସେମାନଙ୍କର ନିଦ ସହଜରେ ଭାଙ୍ଗି ନ ଥାଏ। ସକାଳ ପ୍ରାୟ ୭ଟାରୁ ୭.୩୦ ମଧ୍ୟରେ କ୍ଲାସ ଆରମ୍ଭ ହୋଇଯାଏ। ଯଦି ପିଲା ସ୍କୁଲ ବସ୍ କିମ୍ବା ଭ୍ୟାନ୍‌ରେ ଯାଉଥାଏ, ତେବେ ଏହାର ଯଥେଷ୍ଟ ସମୟ ପୂର୍ବରୁ ପ୍ରସ୍ତୁତ ହେବା ଦରକାର। କେତେକ ପିଲାଙ୍କୁ ଘର ପାଖରୁ ସ୍କୁଲର ଦୂରତା ଅନୁସାରେ ସେଠାରେ ପହଞ୍ଚିବାକୁ ଅଧଘଣ୍ଟା କିମ୍ବା ବେଳେବେଳେ ଘଣ୍ଟାଏ ଲାଗିଥାଏ। ତେଣୁ ପିଲାଟିକୁ ଯଥେଷ୍ଟ ସମୟ ପୂର୍ବରୁ ଉଠାନ୍ତୁ। କାରଣ ସେ ଉଠିବା ପରେ ତାହାର ନିତ୍ୟକର୍ମ ଶେଷ କରିବା ସହ କିଛି ଖାଦ୍ୟ ଖାଇ ଡ୍ରେସ୍ ଅପ୍ ହୋଇ ସ୍କୁଲକୁ ଯିବ। ତେଣୁ ଏ ନେଇ ବେଶ୍ କିଛି ସମୟ ଲାଗିପାରେ। ସେହି ଅନୁସାରେ ତାକୁ ସକାଳୁ କେତେବେଳେ ଉଠାଇବେ ତାହାର ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ।

## ପିଲା ଅରାଜି ହେଲେ...

କେତେକ ଛୋଟ ପିଲା ନିମୟିତ ସ୍କୁଲ ଯିବାକୁ ଅମଙ୍ଗ ହୋଇଥାଆନ୍ତି। ଏହି ସମୟରେ ସେମାନଙ୍କ ଉପରେ ବିରକ୍ତିଭାବ ପ୍ରକାଶ କଲେ ତାଙ୍କର ଏକଜିଦିଆପଣ ଆହୁରି ବଢ଼ିଯିବ। ଏନେଇ ସେମାନଙ୍କୁ ଥଣ୍ଡା ମନରେ ବୁଝାନ୍ତୁ। ଦେଖିବେ ପିଲାଟିର ଜିଦ୍ ଧୀରେ ଧୀରେ କମିଯିବ।

## ପକେଟମନି

ଛୋଟ ପିଲାଙ୍କୁ ଆଦୌ ପକେଟମନି ଦିଅନ୍ତୁ ନାହିଁ। ବେଳେବେଳେ ପିଲା ସାଙ୍ଗସାଥୀଙ୍କ ସହ ଭୋଜି କରିବି, ବୁଲିବାକୁ ଯିବି କହି ସ୍କୁଲଯିବା ସମୟରେ ପକେଟମନି ଦେବାକୁ କହିଥାଆନ୍ତି। ପିଲାର ବୟସ ଅନୁସାରେ ବୁଝାବୁଝି କରି ପକେଟମନି ଦିଅନ୍ତୁ।



୧
ନିଶୀଥ
ରଥ
କ୍ଲାସ୍– ୪, ଡିଏଭି
ପବ୍ଲିକ ସ୍କୁଲ, ସିଡିଏ,
କଟକ





୨
ତନିଶା
ଓଝା
କ୍ଲାସ୍– ୪, ଡିଏଭି
ପବ୍ଲିକ ସ୍କୁଲ,
ଝାରସୁଗୁଡ଼ା

୩
ନିର୍ଲିପ୍ତା
ରାୟ
କ୍ଲାସ୍–୭, ଫ୍ୟୁଚର
ଭୁବନେଶ୍ୱର ସ୍କୁଲ,
ଭୁବନେଶ୍ୱର





୪
ରୋନଭ୍
ଅଗ୍ରୱାଲ
କ୍ଲାସ୍– ୪, ଡିଏଭି
ପବ୍ଲିକ ସ୍କୁଲ,
ସିଡିଏ, କଟକ

୫
ପଦ୍ମସ୍ମିତା ପଣ୍ଡା
କ୍ଲାସ୍– ୫,
ଭେଙ୍କଟେଶ୍ୱର ଇଂଲିଶ୍
ମିଡିୟମ୍ ସ୍କୁଲ,
ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର





୬
ଘନିଶ କୁମାର
ବେହେରା
କ୍ଲାସ୍– ୧, ପବ୍ଲିକ
ସ୍କୁଲ, ଛତ୍ରପୁର,
ଗଞ୍ଜାମ

୭
ଆଶୁତୋଷ
ମିଶ୍ର
କ୍ଲାସ୍– ୧,
ଭେଙ୍କଟେଶ୍ୱର ସ୍କୁଲ,
କୋଣାର୍କ, ପୁରୀ





୮
ସଞ୍ଜୀନା ହେମ୍ବ୍ରମ୍
କ୍ଲାସ୍– ୩,
ସରକାରୀ ଉଚ୍ଚ
ବିଦ୍ୟାଳୟ,
ଅଦାପାଳ, ଉଦଳା,
ମୟୂରଭଞ୍ଜ




୧




୨



୩




୪




୫



୬




୭



୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




# ସବୁଠୁ ବଡ଼ ଅଟା କେକ୍

ଡୋନଟ୍ କେକ୍‌ର ଓଜନ ୧ କ୍ୱିଣ୍ଟାଲରୁ ଅଧିକ ! ଏହା ଏପରି ଏକ କେକ୍ ଯାହା ଅଟାରେ ତିଆରି ହୋଇଥାଏ ଓ ଏହାର ଆକାର ଆଙ୍ଗୁଠିରେ ପିନ୍ଧୁଥିବା ମୁଦି ଭଳି। ତେବେ ଏତେ ବଡ ଡୋନଟ୍ କେକ୍ ତିଆରି କରିବା ନିଶ୍ଚିତଭାବେ କଷ୍ଟକର। ହେଲେ ଏମିତି ଏକ କାମ କରି ଦେଖାଇଛନ୍ତି ଆମେରିକାର ସେଫ୍ ନିକ୍ ଡି ଜିଓଭାନୀ ଓ ଜାପାନର ସେଫ୍ ଲିନ୍ ଡାଭିସ୍। ଉଭୟ ଏକାଠି ମିଶି ଏକ ଡୋନଟ୍ କେକ୍ ତିଆରି କରିଛନ୍ତି ଯାହାର ଓଜନ ୧୦୨.୫ କିଲୋଗ୍ରାମ୍ ଓ ଉଚ୍ଚତା ୧ ଫୁଟରୁ ଅଧିକ। ଏହି କେକ୍ ପାଇଁ ସେମାନେ ଅଟା ସହିତ ଚିନି, ଅଣ୍ଡା, କ୍ରିମ୍, ତେଲ, ଭାନିଲା, କୋକୋ ପାଉଡର, କଫି ଗୁଣ୍ଡ ଓ ଚକୋଲେଟ୍ ଫ୍ଲେଭର ମିଶାଇଥିଲେ। ଏସବୁ ମିଶାଇ ସେମାନେ ଏକ ସୁନ୍ଦର ଡୋନଟ୍ କେକ୍ ତିଆରି କରି ଉପରେ ବଟର କ୍ରିମ୍ ଲଗାଇଥିଲେ। ଅଟାରେ ତିଆରି ହୋଇଥିବା ଏହି ଡୋନଟ୍ କେକ୍ ବିଶ୍ୱର ସବୁଠୁ ବଡ଼ କେକ୍‌ଭାବେ ୨୦୨୩ ଏପ୍ରିଲ ମାସରେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଥିଲା। ତେବେ କେକ୍‌ଟିକୁ ଶେଷରେ ବୋଷ୍ଟନରେ ଥିବା ଏକ ଅନାଥାଶ୍ରମର ପିଲାଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା।

## ଏଥରର

- ଆଫ୍ରିକାର କେଉଁ ଯୁଦ୍ଧକୁ 'ଗ୍ରେଟ୍ ୱାର ଅଫ୍ ଆଫ୍ରିକା' କୁହାଯାଏ ?
- ମୟୂରାକ୍ଷୀ ନଦୀ ଭାରତର କେଉଁ ରାଜ୍ୟ ଦେଇ ପ୍ରବାହିତ ?
- ବିଶ୍ୱର ସର୍ବପ୍ରଥମ ଅଏଲ୍ ପେଣ୍ଟିଂ କେଉଁ ଦେଶରେ ଦେଖିବାକୁ ମିଳିଥିଲା ?
- ଗୁରୁ ନାନକ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?
- ଏଲୋରା ଗୁମ୍ଫା ନିକଟରେ ଥିବା ମନ୍ଦିର ଓ ଗୁମ୍ଫା ସବୁ କେଉଁ ଧର୍ମ ସମ୍ପ୍ରଦାୟର ?

## ଗତଥରର

ଉ ଉ ଉ

- ଇଟାଲୀ
- ଜର୍ମାନୀ
- ୧୯୬୫ରୁ ୧୯୬୬ ମସିହା ମଧ୍ୟରେ
- ୧୯୪୫ ମସିହା ଅଗଷ୍ଟ ୬ ତାରିଖ
- ୧୯୫୦ରେ ଆରମ୍ଭ ୧୯୫୩ରେ ଶେଷ

## କବିତା



### ମାମୁ ଗାଁ ଭାରି ସୁନ୍ଦର

ମୋ ମାମୁ ଗାଁ ଭାରି ସୁନ୍ଦର
ଘରସବୁ ଅଛି ମାଟି, ଛାତ, ଚାଳଛପର।
ମାମୁଘର ଦୁଧଭାତ ଖିରିପୁରି ଶାକର
ଖୋଇଦିଏ ମାଇଁ ମୋତେ କରି କେତେ ଆଦର।
ମୋର ମାମୁ ଗାଁ ଭାରି ସୁନ୍ଦର
ଜହ୍ନକୁ ହସେ ଅନାଇ ପୋଖରୀର ଧଳା କଇଁ,
ବାସିଯାଏ ଯୁଇ ମଲ୍ଲି ଟଗର।
ଗାଁରେ ହୁଏ ଯେ ମଓଚ୍ଛବ ଯାନୀ ଯାତରା
ଯାହାର ନାହିଁ ତୁଳନା ଲାଗେ ଯେ କେତେ ଆନନ୍ଦ
ମୋର ମାମୁ ଗାଁ ଭାରି ସୁନ୍ଦର।

**– ଟଙ୍କଧର ଭୋଇ**
ମୋ: ୮୪୫୬୦୫୩୧୯୦

### ବଡ଼ ସରସ ଏ ରାଜଭାଷା

ଗୋଟିଏ ସୁତା ସୁତ ଆମେରେ
ଗୋଟିଏ ପରିଚୟ
ମନରେ ମନ ମିଳାଇ ଚଳୁ
ନ ରଖି ଡର ଭୟ।
ମନର କଥା କହିବା ପାଇଁ
ଆଦରି ରାଜଭାଷା
ସାଧନା ପଥେ ଆଗ ଚଳିବା
ପାଇଁ ମନରେ ଆଶା।
ବେଶ ପୋଷାକ ଚାଲି ଚଳଣି
ରହଣି ଯେଉଁଠାରେ
ବିବାଦ ପଛକରି କୋଳେଇ
ନିଏ ସେ ଧରା ପରେ।
ବଡ଼ ସରସ ଏ ରାଜଭାଷା
ତୁଳନା ତା'ର ନାହିଁ
ବୁଝି କହିବା ପଢ଼ି ଲେଖିବା
ଯାଏରେ ବଳ ଦେଇ।
ହିନ୍ଦୀ ବଳରେ ଏକତା ଆଣି
ବଇରୀ ଦେବା ତଡ଼ି
ବିଶ୍ୱଗୁରୁରେ ନାମ ଲେଖାଇ
ଯିବାରେ ଲାଗିପଡ଼ି।

**– ମହେନ୍ଦ୍ର କୁମାର ଘଡ଼େଇ**
ପିଠାପଡ଼ା, କଟକ
ମୋ: ୯୪୩୭୭୪୦୫୬୬



### ଶିଳ୍ପୀ ବିଶ୍ୱକର୍ମା

ଶିଳ୍ପୀମାନଙ୍କର କୁଳ ଦେବତା ସେ
ସକଳ ଶିଳ୍ପର ସ୍ରଷ୍ଟା
ଦୁନିଆ ଆଖିରେ ଅଟନ୍ତି ତ ସିଏ
ନବ ନିର୍ମାଣର ଦ୍ରଷ୍ଟା।
ତିନି ହାତେ ତାଙ୍କ ବଟାଳି ମାର୍ତ୍ତୁଲି
ଚକ୍ର ଆଦି ଶୋଭାପାଏ
ଡାହାଣ ହାତଟି ଜଗତ ଜନଙ୍କୁ
ଆଶିଷ ପ୍ରଦାନୀ ଥାଏ।
ସର୍ବ ଶିଳ୍ପକଳା ତାଙ୍କ ପାଶେ ଠୁଳ
କେ ନୁହେଁ ତାଙ୍କ ସରି
ସରଗଧାମର ଅମରାବତୀ ଯେ
ତାଙ୍କ ଶ୍ରେଷ୍ଠ କାରିଗରି।
ଦେବଦେବୀଙ୍କର ଅସ୍ତ୍ରଶସ୍ତ୍ର ସାଥେ
ରହିଛି ଯେତେ ବିମାନ
ସେସବୁ ଅଟଇ ତାଙ୍କ ସୃଜନର
ଅନୁପମ ଉପାଦାନ।
ଗଜ ବାହନରେ କରନ୍ତି ଗମନ
ହୋଇ ସେତ ସଜବାଜ
ତାଙ୍କ ଦରଶନେ ସନ୍ତୋଷ ପ୍ରକାଶ
କରିଥାନ୍ତି ଦେବରାଜ।
ତାଙ୍କୁ ଭକତିରେ ପୂଜିବା ସଭିଏଁ
ଦେଇ ଧୂପ ଦୀପ ଭୋଗ
ଜୀବନରେ ଆମ ପଡ଼ିବ ନିଶ୍ଚୟ
ପବିତ୍ର ମାହେନ୍ଦ୍ରଯୋଗ।


**– ପ୍ରଦୀପ୍ତ କୁମାର ଦାସ**
କଣ୍ଟାବଣିଆ, ଛତ୍ରପଡ଼ା, ଯାଜପୁର

## କହିଲ ଦେଖି



କାକଟପୁରରେ ସେ ବିରାଜିତ
ଦର୍ଶନରେ ହୁଏ ପବିତ୍ର ନେତ୍ର
ପ୍ରିୟ ବାର ତାଙ୍କ ମଙ୍ଗଳବାର
ପ୍ରିୟ ନାଲି ଶଙ୍ଖା ନାଲି ମନ୍ଦାର
ରହିବାକୁ ସ୍ୱାମୀ ପିଲା ସୁଖରେ
ଗୃହିଣୀଟି ପୂଜେ ତାଙ୍କୁ ଭକ୍ତିରେ
ସିନ୍ଦୂର ମୁହିଁ କି ସୁନ୍ଦର ଶୋଭା
ତାଙ୍କ ନାଁ କହି ପ୍ରଥମ ହେବା ।

**ଉ–ମା' ମଙ୍ଗଳା**



ସାତ ଭାଇଙ୍କର ଗୋଟେ ଭଉଣୀ
ଯାହା ମାଗେ ତାକୁ ଦିଅନ୍ତି ଆଣି
ସାତ ଭାଉଜରେ ଯେ ଅତି ସାନ
ସେ ଏକା ବୁଝଇ ନଣନ୍ଦ ମନ
କପାଳର ଲେଖା ବିଗିଡ଼ିଗଲା
ଭଉଣୀଟି ବନେ ଛେଳି ଜଗିଲା
ଘରମଣି ଗଲା ବଣରେ ହଜି
ମଙ୍ଗଳାଙ୍କୁ ପୂଜି ପାଇଲା ଖୋଜି
ଭାଇଙ୍କୁ ପାଇ ତା' ଖୁସି ଫେରିଲା
ତା'ର ନାମ କିଏ ଜାଣିଛ ପିଲା ।

**ଉ–ତଅପୋଇ**



ବାଣିଜ୍ୟ ଲକ୍ଷ୍ୟରେ ସାଧବମାନେ
ଯାଉଥିଲେ ଦିନେ ସୁଦୂର ସ୍ଥାନେ
କାମ ସାରି ପୁଣି ଫେରନ୍ତି ମିଶି
ଦେଖି ସାଧବାଣୀ ହୁଅନ୍ତି ଖୁସି
ଆଷାଢ଼େ ଫେରନ୍ତି କାର୍ତ୍ତିକେ ଯାଇ
କେଉଁଥିରେ ଯାତ୍ରା କରନ୍ତି ସେହି ।

**ଉ– ବୋଇତ**




ପାଞ୍ଚ ରବିବାରେ ଭାଦ୍ରବ ମାସେ
ଝୋଟିରେ ଅଗଣା ସୁନ୍ଦର ଦିଶେ
ଭାଇ,ପ୍ରବାସୀଙ୍କ ଶୁଭ ମନାସୀ
ଏ ଓଷା କରନ୍ତି କୁମାରୀ ମିଶି
ଖୁଦ ଭଜା ଭୋଗେ ଲାଗେ ପ୍ରଥମ
କହିଲ ଦେଖି ଏ ଓଷାର ନାମ ।

**ଉ–ଖୁଦୁରୁକୁଣୀ ଓଷା**

**– ଆଚାର୍ଯ୍ୟ କ୍ଷୀତିଶ ଜେନା**
ମୋ: ୭୮୭୩୫୧୦୦୨୭










## ମଣିଷ ଭଳି ଦାନ୍ତ ଥିବା ମାଛ

**ମା**ଛକୁ ବିଭିନ୍ନ ଉପାୟରେ ଖିଆଯାଇଥାଏ, ତରକାରି ହେଉ ଅବା ଭଜା ମାଛ ବେଶ୍ ସ୍ୱାଦଯୁକ୍ତ। ବିଶେଷଭାବରେ ଏମାନେ ପୋଖରୀ, ନଦୀ, ହ୍ରଦ ଏବଂ ସମୁଦ୍ରରେ ମିଳିଥାଆନ୍ତି। ବିଶ୍ୱରେ ପ୍ରାୟ ୩୩ ହଜାରରୁ ଅଧିକ ପ୍ରଜାତିର ମାଛ ଦେଖିବାକୁ ମିଳିଥାଏ। ପ୍ରତିବର୍ଷ ବୈଜ୍ଞାନିକମାନେ ନୂଆ ନୂଆ ପ୍ରଜାତିର ମାଛ ଆବିଷ୍କାର ମଧ୍ୟ କରନ୍ତି। କିନ୍ତୁ ମଣିଷଙ୍କ ଦାନ୍ତ ଥିବା କୌଣସି ମାଛ ବିଷୟରେ ଜାଣିଛନ୍ତି କି? ଆମେରିକାରେ ଏମିତି ଏକ ମାଛ ଦେଖିବାକୁ ମିଳିଛି, ଯାହାର ଦାନ୍ତ ମଣିଷଙ୍କ ଦାନ୍ତ ସଦୃଶ। ଦକ୍ଷିଣ ଆମେରିକାର ଏମିତି ଏକ ହ୍ରଦ ଅଛି; ଯେଉଁଠାରେ ଏହି ମାଛ ଦେଖିବାକୁ ମିଳିଛି। ଏମାନଙ୍କର ଦାନ୍ତ ଦେଖିବାକୁ ମଣିଷଙ୍କ ଦାନ୍ତ ସଦୃଶ। ଏହି ମାଛର ନାମ ପାକୁ । ଏଭଳି ମାଛ ସାଧାରଣତଃ ମଧୁର ପାଣିରେ ରହିବାକୁ ପସନ୍ଦ କରନ୍ତି। ଏମାନେ ସେହି ଜିନିଷ ଖାଆନ୍ତି, ଯାହାକୁ ସେମାନେ ଅତି ସହଜରେ ଚୋବାଇ ପାରିବେ। ଏହି ପ୍ରଜାତିର ମାଛର ଲମ୍ବ ୬.୫ ଇଞ୍ଚ ହେବା ସହିତ ଓଜନ ପ୍ରାୟ ୩୯.୯୧ କିଗ୍ରା ପର୍ଯ୍ୟନ୍ତ ଓଜନ ହୋଇଥାଏ। ଏହି ପ୍ରଜାତିର ମାଛ କୌଣସି ଅନ୍ୟ ଜୀବଜନ୍ତୁଙ୍କ ଉପରେ ଆକ୍ରମଣକୁ ନେଇ ସେପରି କିଛି ତଥ୍ୟ ନାହିଁ ଏବଂ ଏମାନେ ଶାନ୍ତ ସ୍ୱଭାବର ହୋଇଥାନ୍ତି ।

## ସୁନାର ହୋଟେଲ

**ବି**ଶ୍ୱରେ ଅନେକ ବଡ଼ ବଡ଼ ତଥା ବିଳାସପୂର୍ଣ୍ଣ ହୋଟେଲ ରହିଛି। ସେଠାରେ ରହିବାକୁ ହେଲେ ସେହିଭଳି ଚାର୍ଜ ଦେବାକୁ ପଡିଥାଏ। କିନ୍ତୁ ପିଲାଏ, ଜାଣିଛ କି ଏମିତି ଏକ ହୋଟେଲ ରହିଛି, ଯେଉଁଠି ରୁମ୍‌ରୁ ଆରମ୍ଭ କରି ୱାଶ୍‌ରୁମ୍ ପର୍ଯ୍ୟନ୍ତ ସବୁଠାରେ ସୁନା ବ୍ୟବହୃତ ହୋଇଛି। ଏମିତି କିଛି ହୋଟେଲ ମଧ୍ୟ ରହିଛି, ଯାହାର ଦିନକର ଭଡ଼ା ମଧ୍ୟ ଲକ୍ଷେ ଟଙ୍କାରୁ ଅଧିକ ହେବ। ଏଠାରେ ଏଭଳି ଏକ ବିଳାସ୍ୟପୂର୍ଣ୍ଣ ହୋଟେଲ ବିଷୟରେ ସୂଚନା ଦିଆଯାଉଛି, ଯାହା କେବଳ ସୁନା ପାଇଁ ପ୍ରସିଦ୍ଧ। ହୋଟେଲ୍‌ଟି ଭିଏତ୍‌ନାମର ରାଜଧାନୀ ହାନାଇରେ ଅବସ୍ଥିତ। ହୋଟେଲ୍‌ର କବାଟ, ଝରକା, ଫର୍ନିଚର, ଟୟଲେଟ୍, ବ୍ୟବହାର କରାଯାଇଥିବା ନଳ ସବୁ ସୁନାରେ ତିଆରି ହୋଇଛି। ଏହାର ଡାଇନିଂରେ ଖାଇଲେ ସତେ ଯେମିତି ଲାଗିବି ଆପଣ ରାଜ ପ୍ରାସାଦରେ ଖାଉଛନ୍ତି। କାରଣ ଡାଇନିଂର ଚାରିପଟ ମଧ୍ୟ ସୁନାରେ ଛାଉଣି ହୋଇଛି। ଏପରି କି ଯେଉଁ ପ୍ଲେଟରେ ଖାଦ୍ୟ ପରଷା ଯାଏ, ତାହା ମଧ୍ୟ ସୁନାରେ ତିଆରି। ତେଣୁ ଏହି ହୋଟେଲର ନାମ ରଖାଯାଇଛି 'ହାନୋଇ ଗୋଲ୍‌ଡେନ୍ ଲେକ୍'। ୨୫ ମହଲା ବିଶିଷ୍ଟ ଏହି ହୋଟେଲରେ ୪୦୦ଟି ରୁମ୍ ରହିଛି। କେବଳ ଏତିକି ନୁହେଁ, ଏହି ହୋଟେଲର ବାହାର ଭାଗରେ ୪୫,୦୦୦ ସ୍କୋୟାର ଫୁଟ୍‌ରେ ଲାଗିଛି ଗୋଲ୍ଡ ପ୍ଲେଟେଡ୍ ଟାଇଲ୍ସ। ଏଠାରେ କର୍ମଚାରୀଙ୍କ ୟୁନିଫର୍ମ ମଧ୍ୟ ରେଡ୍ ଏବଂ ଗୋଲ୍‌ଡେନ୍ କଲର ରଖାଯାଇଛି। ଏଠାରେ ରୁମ୍ ଭଡ଼ା ୨୦,୦୦୦ ଟଙ୍କାରୁ ଆରମ୍ଭ। କିନ୍ତୁ ଗୋଟିଏ ଦିନରେ ଡବଲ ବେଡ୍‌ରୁମ୍‌ର ଭଡ଼ା ପ୍ରାୟ ୭୫,୦୦୦ଟଙ୍କା। ଏହି ହୋଟେଲରେ ପ୍ରାୟ ୬ ପ୍ରକାରର ରୁମ୍ ମିଳିଥାଏ।

## ଯେଉଁଠି ଚାଲୁଚାଲୁ ଶୁଅନ୍ତି ଲୋକ

**ସା**ଧାରଣତଃ ଆମେ ନିଜ ନିଜ ଘରେ ଶୋଇଥାଉ। ହେଲେ ଏମିତି ଏକ ସ୍ଥାନ ଅଛି, ଯେଉଁଠି ଲୋକମାନେ ଚାଲିବା ଅବସ୍ଥାରେ ନିଦ ଆସିଲେ ସେହି ସ୍ଥାନରେ ହିଁ ଶୋଇପଡ଼ନ୍ତି। ଏହା ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗୁଥିବ, କିନ୍ତୁ କଥାଟି ସତ। ରୁଷିଆର କାଜାକ୍‌ସ୍ତାନର ଏମିତି ଏକ ଗାଁ ରହିଛି, ଯେଉଁଠାରେ ଲୋକମାନେ ଯେଉଁଠି ନିଦ ଲାଗେ ସେଇଠି ଶୋଇପଡ଼ନ୍ତି। ଏଭଳି ଅଦ୍ଭୁତ ଗ୍ରାମଟିର ନାମ ହେଲା କଲାଚି। ଏହି କାରଣ ପାଇଁ ଗାଁଟିକୁ 'ସ୍ଲିପି ହୋଲୋ' ମଧ୍ୟ କୁହାଯାଏ। ଉକ୍ତ ଗାଁ ବିଷୟରେ ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏଠାକାର ଲୋକ ପ୍ରାୟ ଦୂଷିତ ଜଳ ପିଇଥାଆନ୍ତି। ଏଭଳି ପାଣିରେ କାର୍ବନ ମନୋଅକ୍ସାଇଡର ମାତ୍ରା ଅଧିକ ଥିବାରୁ ଲୋକଙ୍କ ସହିତ ଏପରି ହେଉଛି। ଏଠାକାର ପରିବେଶ ଏତେ ପ୍ରଦୂଷିତ ହୋଇଯାଇଛି ଯେ, ଏହାର ପ୍ରଭାବରେ ଚାଲୁଥିବା ଲୋକ ବି କେତେବେଳେ ଶୋଇପଡ଼ନ୍ତି ତାହା ସେମାନେ ନିଜେ ଜାଣିପାରି ନ ଥାନ୍ତି। ତେଣୁ ଯେଉଁଠି ନିଦ ଲାଗିଲା, ସେହି ସ୍ଥାନରେ ହିଁ ସେମାନେ ଶୋଇ ପଡନ୍ତି। ଏଭଳି ଅଦ୍ଭୁତ ଘଟଣା ଏହି ଗାଁର ପ୍ରଥମେ ୨୦୧୦ରେ ଦେଖିବାକୁ ମିଳିଥିଲା। ଏକଦା ଏହି ଗାଁର ପିଲାମାନେ ସ୍କୁଲ୍‌ରେ ପଢୁଥିବା ସମୟରେ ଆପେ ଆପେ ଶୋଇପଡ଼ିଥିଲେ।



## ଶୁଖି ଯାଉଛି ଆମାଜନ୍ ନଦୀ

**ଦ**କ୍ଷିଣ ଆମେରିକାର ଉତ୍ତର ଭାଗରେ ଅବସ୍ଥିତ ଆମାଜନ୍ ନଦୀର ଏକ ବିଶେଷତ୍ୱ ରହିଛି। ନୀଳ ନଦୀ ପରେ ଏହା ଦ୍ୱିତୀୟ ବୃହତ୍ତମ ନଦୀ ଭାବେ ବିବେଚିତ ହୋଇଆସୁଛି। ହେଲେ ଉକ୍ତ ନଦୀ ଦିନକୁ ଦିନ ଶୁଖି ଯିବାରେ ଲାଗିଛି। ଏହାକୁ ନେଇ ସାରା ପୃଥିବୀର ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ନିକଟରେ ଆଇ.ପି.ସି.ସି ନାମକ ଏକ ସଂସ୍ଥା ପକ୍ଷରୁ ହୋଇଥିବା ସର୍ଭେରେ ଏଭଳି କଥା ଲୋକଲୋଚନାକୁ ଆସିଛି। ବିଶେଷଭାବରେ ବିଶ୍ୱତାପନ ବା ଗ୍ଲୋବାଲ ୱାର୍ମିଂ ଏଥିପାଇଁ ଦାୟୀ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେଥିରୁ ଜଣାପଡିଛି ଯେ ଏବେ ଆମାଜାନ୍ ନଦୀର ଏପରି ଅବସ୍ଥା ଆସିଛି ଯେ, ଏହାର ପାଣିର ତାପମାତ୍ରା ମନୁଷ୍ୟ ଶରୀରର ତାପମାତ୍ରାଠାରୁ ଦୁଇ ଡିଗ୍ରୀ ଅଧିକ ରହୁଛି। ଫଳରେ ଏହା ଭିତରେ ରହୁଥିବା ଜଳଚର ପ୍ରାଣୀମାନଙ୍କ ଜୀବନ ସଙ୍କଟାପନ୍ନ ହୋଇପଡିଛି। ବିଶେଷଭାବରେ ଉକ୍ତ ନଦୀରେ ରହୁଥିବା ଡଲଫିନ୍‌ମାନଙ୍କର ମୃତ୍ୟୁ ଘଟୁଛି। ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ପାଖାପାଖି ୧୨୧ ବର୍ଷ ପରେ ଆମାଜାନ ନଦୀ ଏଭଳି ଅବସ୍ଥାର ସାମନା କରୁଛି। ଏଭଳି ପାଣିର ଉତ୍ତାପ ବଢ଼ିଯିବା ଏବଂ ପାଣି ଶୁଖିଯିବା ଉକ୍ତ ନଦୀର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଆ ଇ ନା

ଇଙ୍କିତା ସାହୁ
୯ ବର୍ଷ/ଭୁବନେଶ୍ୱର





ସ୍ନେହା ସେଠୀ
୧୨ ବର୍ଷ/ଭୁବନେଶ୍ୱର